# ଦୁର୍ଗାପୂଜା ରଚନା

(www.orissatimes.net)

**ଉପକ୍ରମ:** ଦୁର୍ଗା ପୂଜା ବା ଦଶହରା ହେଉଛି ହିନ୍ଦୁ ମାନଙ୍କର ଏକ ମୁଖ୍ୟ ପର୍ବ. ଏହା ସର୍ବ ଭାରତୀୟ ହିନ୍ଦୁ ପର୍ବ ଭାବରେ ବିଶ୍ୱ ପ୍ରସିଦ୍ଧ. ଦୁର୍ଗା ପୂଜା ଶରତ ଋତୁରେ ଅନୁଷ୍ଠିତ ହୁଏ. ତେଣୁ ଏହାକୁ ଶାରଦୀୟ ପୂଜା ମଧ୍ୟ କୁହାଯାଏ. ପଶ୍ଚିମ ବଙ୍ଗ ତଥା ଓଡିଶାରେ ଏହା ଖୁବ ଆଡମ୍ବର ସହକାରେ ପାଳିତ ହୋଇଥାଏ. ଶରତ ଋତୁରେ ଆକାଶ ନିର୍ମଳ ଥାଏ. ଚାରିଆଡେ ଅପୂର୍ବ ଶୋଭାର ପରିପ୍ରକାଶ ଘଟି ଥାଏ. ଏହି ସମୟରେ ମା ଦୁର୍ଗାଙ୍କର ଦଶହରା ପର୍ବ ପାଳନ ହୁଏ. ଇତି ମଧ୍ୟରେ ପ୍ରତ୍ୟେକ ଅଫିସ ଏବଂ ଶିକ୍ଷାନୁଷ୍ଠାନ ଯେପରିକି ବିଦ୍ୟାଳୟ, ମହାବିଦ୍ୟାଳୟ ତଥା ବିଶ୍ୱ ବିଦ୍ୟାଳୟ ଆଦି ବନ୍ଦ ରୁହେ.

**ପର୍ବ ପାଳନର କାରଣ:** ପୁରାଣରେ ବର୍ଣ୍ଣିତ ଅଛି ଯେ ରାକ୍ଷସ ରାଜା ମହିଷାସୁର ଶିବଙ୍କ ଠାରୁ ବର ପାଇ ଦେବତା, ମାନବ ମାନଙ୍କ ଉପରେ ଅକଥନୀୟ ଅତ୍ୟାଚାର କଲା. ମହିଷାସୁରକୁ ମାରିବା ପାଇଁ ଦେବତା ମାନେ ବିଷ୍ଣୁଙ୍କୁ ପ୍ରାର୍ଥନା କଲେ. ବିଷ୍ଣୁଙ୍କ ଅନୁରୋଧରେ ମା ଦୁର୍ଗା ମହିଷାସୁରକୁ ବଧ କରି ସମଗ୍ର ଜଗତରେ ଶାନ୍ତି ପ୍ରତିଷ୍ଠା କଲେ. ତେଣୁ ସେହି ଦିନ ଠାରୁ ମା ଦୁର୍ଗାଙ୍କୁ ସ୍ମରଣ କରି ଦୁର୍ଗାପୂଜା ବା ଦଶହରା ପର୍ବ ପାଳିତ ହୋଇ ଆସୁଛି. ତନ୍ତ୍ରୋକ୍ତ ଶାସ୍ତ୍ର ଅନୁସାରେ ତନ୍ତ୍ର ଓ ମନ୍ତ୍ର ସିଦ୍ଧି କରିବା ପାଇଁ ନବରାତ୍ରି ସର୍ବ ଶ୍ରେଷ୍ଠ ଅଟେ.

**ପୂଜା ପାଳନ:** ଅଶିଣ ମାସ ଶୁକ୍ଳ ପକ୍ଷ ଷଷ୍ଠୀ ଦିନ ବେଲକରଣ କରାଯାଇ ମାଙ୍କ ପୂଜା କାର୍ଯ୍ୟ କରାଯାଏ. ସପ୍ତମୀ ଠାରୁ ଦଶମୀ ପର୍ଯ୍ୟନ୍ତ ଏହି ପୂଜା କାର୍ଯ୍ୟ ଚାଲି ଥାଏ. କୁହାଯାଏ ପଞ୍ଚମୀ ଠାରୁ ନବମୀ ପର୍ଯ୍ୟନ୍ତ ଦେବୀ ରକ୍ତମୁଖା ହୁଅନ୍ତି. ଏଣୁ ସନ୍ଧ୍ୟା ପୂର୍ବରୁ ସଭିଏଁ ନିଜ ନିଜ ଘରକୁ ଫେରି ଆସନ୍ତି. ଅଷ୍ଟମୀ ଦିନ ମହା ଅଷ୍ଟମୀ ପୂଜା ପରେ ଦେବୀଙ୍କ ସମ୍ମୁଖରେ ମେଣ୍ଢା, ମହିଷୀ, କୁକୁଡ଼ା ଆଦି ପଶୁ ବଳି ଦିଆଯାଏ. କିନ୍ତୁ ବର୍ତ୍ତମାନ ସରକାରଙ୍କ କଡା ଆଇନ ଯୋଗୁଁ ପଶୁ ବଳିପ୍ରଥା ଲୋପ ପାଇ ଗଲାଣି. କିନ୍ତୁ ଏହି ବଳିପ୍ରଥାକୁ ବଜାୟ ରଖିବା ପାଇଁ ବର୍ତ୍ତମାନ ପାଣି କଖାରୁ, ମାଛ ଏବଂ ଲେମ୍ବୁ ବଳି ଦିଆଯାଉଛି.

ମହା ନବମୀ ବା ନବମୀ ଦିନ ସନ୍ଧି ପୂଜା ଗୁପ୍ତ ଭାବରେ ଅନୁଷ୍ଠିତ ହୁଏ. ଏଣୁ ନବମୀ ଦିନ ବଳି ଦିଆଯାଇଥାଏ. ଦଶମୀ ଦିନକୁ ଦୁର୍ଗାପୂଜା ବା ଦଶହରା କୁହାଯାଏ. ଏହି ଦିନ ସୁସଜ୍ଜିତ ମେଢ଼ରେ ଦେବୀଙ୍କର ମହିଷାସୁର ବଧ ପ୍ରତିମା ସହ ଲକ୍ଷ୍ମୀ, ସରସ୍ୱତୀ, ଗଣେଶ ଓ କାର୍ତ୍ତିକେୟଙ୍କ ମୂର୍ତ୍ତି ଶୋଭା ପାଇଥାଏ. କେତେକ ମେଢ଼ରେ ମହାଦେବ ଓ ନନ୍ଦୀ-ଭୃଙ୍ଗିଙ୍କ ପ୍ରତିମା ମଧ୍ୟ ଦେଖିବାକୁ ମିଳେ.

ଦଶମୀ ଦିନ ପୂଜା ସମାପନ ହୁଏ. ଏହି ଦିନ ଦେବୀ ମାଙ୍କ ଦର୍ଶନ ପାଇଁ ବହୁ ଲୋକ ଏକତ୍ରିତ ହୁଅନ୍ତି. ଘଣ୍ଟ, ଘଣ୍ଟା, ଶଙ୍ଖ, ମୃଦଙ୍ଗ, କାହାଳୀ, ଢୋଲ ପ୍ରଭୃତି ପାରମ୍ପରିକ ବାଦ୍ୟ ଯନ୍ତ୍ରର ମାଧୁର୍ଯ୍ୟ ସ୍ୱରରେ ପେଣ୍ଡାଲ ଦୁଲୁକି ଉଠେ. ଭକ୍ତ, ସାଧକ ମାନେ ଦେବୀ ମାଙ୍କର ଜୟ ଜୟକାର ଧ୍ୱନିରେ ସ୍ଥାନଟି କୁ ପ୍ରକମ୍ପିତ କରନ୍ତି. ଦଶମୀ ଦିନ ପୂଜା ସମାପନ ପରେ ଦେବୀଙ୍କ ପାଖରେ ପାଲା, ନାଟକ, ଭଜନ ସମାରୋହ ଆଦି ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୁଏ. ଭସାଣି ଦିନ ଦେବୀଙ୍କୁ ସସମ୍ମାନେ ପାଣିରେ ବିସର୍ଜନ କରାଯାଏ. ଓଡିଶାର ଗାଁ ଗହଳିରେ ଏହି ପର୍ବ ଖୁବ ଆଡମ୍ବର ସହକାରେ ପାଳନ କରାଯାଏ. ଏ ପର୍ବରେ ବଢ଼େଇ, କମାର, ବଣିଆ, ଧୋବା, ଭଣ୍ଡାରୀ ନିଜ ହାତ ହତିଆରଗୁଡିକୁ ପୂଜା କରନ୍ତି. ସେମାନଙ୍କ କାର୍ଯ୍ୟ ସପ୍ତମୀ ଠାରୁ ଦଶମୀ ପର୍ଯ୍ୟନ୍ତ ବନ୍ଦ କରନ୍ତି. ଖଣ୍ଡାୟତ ଓ କାରଣ ସମ୍ପ୍ରଦାୟର ଲୋକେ ପୋଥି ଓ ଲେଖନୀ ପୂଜା କରନ୍ତି.

**ଶେଷ କଥା:** ମା ଦୁର୍ଗାଙ୍କ ଆଶୀର୍ବାଦ ପାଇବା ପାଇଁ ଏହି ପୂଜା ପାଳନ କରାଯାଏ. ଅଧର୍ମ ଉପରେ ଧର୍ମର ଓ ଅନ୍ୟାୟ ଉପରେ ନ୍ୟାୟର ବିଜୟ ହେଉଛି ଏହି ପର୍ବର ମହତ୍ତ୍ୱ. ମାଙ୍କ ଆଶୀର୍ବାଦ ମଣିଷ ପାଇଁ ଏକାନ୍ତ ଆବଶ୍ୟକ. ଦୁର୍ଗତିରୁ ମା ଆମକୁ ରକ୍ଷା କରନ୍ତି. ବିପଦରୁ ଉଦ୍ଧାର କରନ୍ତି. ଆହୁରି ମଧ୍ୟ ଏ ପର୍ବ ସମାଜରେ ସ୍ନେହ, ସୌହାର୍ଦ୍ଦ୍ୟ ଓ ବନ୍ଧୁତ୍ୱ ସୃଷ୍ଟି କରିବାରେ ସାହାଯ୍ୟ କରିଥାଏ.

Related Content

- Akshaya Tritiya Essay in Odia
- Diwali Rachana in Odia
- Odishara Parba Parbani Essay in Odia
- Corona Essay in Odia